ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୨୫

ବୁଲେଟିନ ନମ୍ବର :୫୦
ତାରିଖ : ୨୪.୦୬.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୮.୦୬.୨୦୨୫ ରୁ ୨୪.୦୬.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୪୩.୪ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୭.୪-୩୪.୫ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୧-୨୭.୦ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୯.୦୬.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 25-06-2025 | 7 | 33 | 24 | 5 | 85 | 63 | 8 | 285 |
| 26-06-2025 | 12 | 33 | 24 | 6 | 86 | 62 | 3 | 277 |
| 27-06-2025 | 10 | 32 | 23 | 6 | 85 | 61 | 1 | 304 |
| 28-06-2025 | 6 | 32 | 23 | 5 | 85 | 65 | 2 | 288 |
| 29-06-2025 | 7 | 33 | 24 | 5 | 85 | 56 | 8 | 262 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୧-୦୮ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୨-୩୩ ଡି.ସେ. ମଧରେ ଓ ସର୍ବନିମ୍ନ ତାପମାତ୍ରା ୨୩-୨୪ ଡି.ସେ. ମଧରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୫ ରୁ ୮୬ ପ୍ରତିଶତ ମଧରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୬-୬୫ ପ୍ରତିଶତ ମଧରେ ରହିବ ।

**ହଳଦିଆ ଚେତାବନୀ :** ଆସନ୍ତା ୨୫ ରୁ ୨୭ ତାରିଖ ମଧରେ ଢେଙ୍କାନାଳ ଜିଲ୍ଲା ଗୋଟିଏ ରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭-୧୧ ସେ.ମି.), ବିଜୁଳି ଘଡଘଡି ସହ ୩୦-୪୦କିମି ଝଟକା ପବନ ହେବାର ସମ୍ଭାବନା ରହିଛି ।

**ଆଗାମୀ ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:**

ପ୍ରଥମ ସପ୍ତାହ: (୨୦ଜୁନ ରୁ ୨୬ଜୁନ ୨୦୨୫)
ଓଡିଶାରେ ସ୍ୱଳ୍ପ ରୁ ମଧମ ଧରଣ ବର୍ଷା ହେବାର ସମ୍ଭାବନା ଅଛି ।
ଦ୍ୱିତୀୟ ସପ୍ତାହ: (୨୭ଜୁନ ରୁ ୦୩ଜୁଲାଇ ୨୦୨୫)
ଓଡିଶାରେ ସ୍ୱଳ୍ପ ରୁ ମଧମ ଧରଣ ବର୍ଷା ହେବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଗତ ବର୍ଷା ଯୋଗୁଁ ପନିପରିବା ଫସଲରେ ମାତ୍ରାଧିକ ପାଣି ଜମି ରହିଥିଲେ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ।
- ବର୍ତମାନ ବାୟୁ ମଣ୍ଡଳ ଅଧିକ ଆର୍ଦ୍ରତା ଓ ମେଘୁଆ ରହୁ ଥିବାରୁ ପନିପରିବା ଫସଲରେ ବିଭିନ୍ନ ରୋଗ ପୋକ ଲାଗିବାର ସମ୍ଭାବନା ଅଛି । ଫସଲ ସର୍ବେକ୍ଷଣ କରି ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ।
- ଆଗକୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଥିବାରୁ ଖରିଫ ବୁଣାବୁଣି, ଫସଲରେ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଖରିଫ ଧାନ | ତଳିଘେରା ଅବସ୍ଥା | • ଧାନ ତଳିଘେରାରେ ମାତ୍ରାଧିକ ପାଣି ଜମି ରହିଥିଲେ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ।ଠିଆ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।<br>• ଶେଷ ଓଡ ଚାଷ ବେଳକୁ ୧୦ ଡେସିମାଲ କାଦୁଅ ତଳିଘୋରାରେ ୨୦୦ କିଲୋଗ୍ରାମ କମ୍ପୋଷ୍ଟ କିମ୍ବା |

| | | |
|---|---|---|
| | | ସଢା ଗୋବର ଖତ, ୪ କିଲୋଗ୍ରାମ DAP, ୪ କିଲୋଗ୍ରାମ ପଟାସ ସାର ପ୍ରୟୋଗ କରନ୍ତୁ । |
| ମାଣ୍ଡିଆ | ତଳିଘେରା ଅବସ୍ଥା | • ବର୍ତମାନ ମାଣ୍ଡିଆ ବୁଣିବାର ଉପଯୁକ୍ତ ସମୟ ।ଅଧିକ ଅମଳ କ୍ଷମ ବିହନ ଗୁଡିକ ହେଲା ଦିବ୍ୟାସିଙ୍ଘ, AKP-୨, AKP-୩, AKP-୭,ଗୋଦାବରୀ, ନୀଳାଚଳ, ଭୈରବୀ, ଶୁଭ୍ରା ଓ ଚିଲିକା।<br>• ଏକର ପ୍ରତି ୨ ରୁ ୨.୫ କେଜି ମଞ୍ଜି ବୁଣିବା ପାଇଁ ବ୍ୟବହାର କରନ୍ତୁ ।<br>• ବୁଣିବା ପୂର୍ବରୁ ୧ କେଜି ମଞ୍ଜି କୁ Thiram @ ୩ ଗ୍ରାମ କିମ୍ବା Trycychlozole @ ୧ ଗ୍ରାମ ମିଶେଇ ବିଶୋଧନ କରନ୍ତୁ ।୧ ମିଟର ତଳିଘେର ପ୍ରତି ୧୦ ଗ୍ରାମ ଯାବକ୍ଷାରଜନ ଓ ୧୦ ଗ୍ରାମ ଫସଫରସ ସାର ପ୍ରୟୋଗ କରନ୍ତୁ । |
| ମକା | ବୁଣିବା ଅବସ୍ଥା | • ମକା ଫସଲ, ଜମିରେ ଠିଆ ପାଣି ସହ୍ୟ କରିପାରେ ନାହିଁ । ବର୍ଷା ଦିନିଆ ମକା ଚାଷରେ ଠିଆ ପାଣି ନରହିବା ପାଇଁ ଜମି ପ୍ରସ୍ତୁତ ସମୟରେ ଆବଶ୍ୟକତା ଅନୁଯାୟୀ ନିଷ୍କାସନ ନାଳୀ ରଖିବା ଆବଶ୍ୟକ । |
| ମୁଗ ଓ ବିରି | ବୁଣିବା ଅବସ୍ଥା | • ବର୍ଷା ଦିନ ପାଇଁ ମୁଗ ଫସଲର କିଛି ଉନ୍ନତ କିସମଗୁଡିକ ହେଲା ସୁଜାତା, ଦୁର୍ଗା, ସମ୍ରାଟ, HUM-1, କାମଦେବ ଇତ୍ୟାଦି ।<br>• ସେହିପରି ବିରିର  କିଛି ଉନ୍ନତ କିସମ ଗୁଡିକ ହେଲା ଶଶୀ, ଉଜାଲା, ମହୁରି, ଉତ୍ତରା, ପ୍ରସାଦ, ସାରଳା ଇତ୍ୟାଦି।<br>• ଏକର ପ୍ରତି ୧୦ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ୧ କିଲୋଗ୍ରାମ ବିହନକୁ ୧.୫ ଗ୍ରାମ Carbendazim ସହ ଗୋଳାଇ ବୁଣିବାର ୧ ସପ୍ତାହ ପୂର୍ବରୁ ବିଶୋଧନ କରନ୍ତୁ । |
| ଚିନାବାଦାମ | ବୁଣିବା ଅବସ୍ଥା | • ଚିନାବାଦାମର ଉପଯୁକ୍ତ କିସମ ଯଥା ଦେବୀ ( ଆଇ.ସି.ଜି.ଭି-୯୧୧୧୪), କାଦ୍ରି-୬ (Kadri-6), କାଦ୍ରି-୯ (Kadri-9), ଟି.ଜି-୩୭ଏ (TG-37A), ଟିଏଜି-୫୧ (TAG-51), ଟିଏଜି-୩୮ ( TAG-38), ଟିଏଜି-୨୪ (TAG-24), ସ୍ମୃତି, ସିଓ-୭ (CO-7), ଧରଣୀ (Dharani) ଆଦି ଚୟନ କରନ୍ତୁ ।<br>• ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ କିଲୋଗ୍ରାମ ମଞ୍ଜି ପ୍ରତି ୨୦ଗ୍ରାମ ରାଇଜୋବିୟମ ବୀଜାଣୁ କଲଚର ଉପଚାର କରି ବୁଣନ୍ତୁ। |
| ବାଇଗଣ | ବୁଣିବା ପୂର୍ବ ଅବସ୍ଥା | • ବାଇଗଣ ଫସଲ ରେ ମୂଳ ସାର ହିସାବରେ ଏକର ପ୍ରତି ୨୦ କିଲୋଗ୍ରାମ ୟୁରିଆ , ୫୨ କିଲୋଗ୍ରାମ ଡ଼ିଏପି ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ ।<br>• ଧାଡିକୁ ଧାଡି ୭୫ ସେମି ଏବଂ ଗଛକୁ ଗଛ ୬୦ ସେମି ବ୍ୟବଧାନ ରଖି ବାଇଗଣ ଚାରା ଲଗାନ୍ତୁ । |
| ଭେଣ୍ଡି: | ବୁଣିବା ପୂର୍ବ ଅବସ୍ଥା | • ବର୍ଷା ଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୪ କିଲୋଗ୍ରାମ ଉନ୍ନତ ବିହନ କିସମ କିମ୍ବା ୧.୫ କିଲୋଗ୍ରାମ ଶଙ୍କର ବା ହାଇବ୍ରିଡ ବିହନ ଆବଶ୍ୟକ ହୁଏ ।<br>• ବିହନ ବୁଣିବା ପୂର୍ବ ରୁ ପ୍ରତି ୧ କିଲୋଗ୍ରାମ ବିହନରେ ୩-ଗ୍ରାମ Thiram ସହିତ ୭ ଗ୍ରାମ Imidacloprid ୭୦ % WS କୀଟନାଶକ, ମିଶାଇ ବିଶୋଧନ କଲେ ଫସଲରେ ରୋଗ ଓ ଶୋଷକ ପୋକର ପ୍ରାଦୁର୍ଭାବ କମିଯାଏ । |
| ଗାଇଗୋରୁ | | • ବର୍ଷା ଓ ଘଡଘଡି ସମୟରେ ଗାଇଗୋରୁଙ୍କୁ ଗୁହାଳ ମଧ୍ୟରେ ସୁରକ୍ଷିତ ରଖନ୍ତୁ । ଶୁଖିଲା ଘାସ ଓ ସଫା ପାନୀୟ ଜଳ ପିଇବାକୁ ଦିଅନ୍ତୁ ।<br>• ଗୋଖାଦ୍ୟ କିପରି ବର୍ଷା ଜଳରେ ନଷ୍ଟ ନହେବା ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ ।<br>• ବର୍ତମାନ ଗାଇଗୋରୁ ମାନଙ୍କୁ ଟୀକାକରଣ କରନ୍ତୁ । |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ  MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)